


# ଶ୍ରୀ ଗଣେଶ

''ଗଣେଶ, ବିଘ୍ନେଶ ଗିରିଜାନନ୍ଦନ ପ୍ରଭୋ, ମମ ବିଘ୍ନ ବିନାଶାୟ ଗଣାଦବପତୟେ ନମଃ''

**ଗୋପୀନାଥ ଦାଶ**

ବିଘ୍ନବିନାଶକ ଗଣେଶଙ୍କୁ ଅଗ୍ରପୂଜାର ଆଖ୍ୟା ଦିଆଯାଇଛି । ଅନ୍ୟ ଯେ କୌଣସି ପୂଜା କରିବା ପୂର୍ବରୁ ପ୍ରଥମେ ଶ୍ରୀ ଗଣେଶଙ୍କୁ ଆରାଧନା କରାଯାଏ, ସେଥିପାଇଁ ସବୁକାର୍ଯ୍ୟ ନିର୍ବିଘ୍ନରେ ସମାପନ ହୋଇଥାଏ । ସେଥିପାଇଁ କୁହାଯାଇଛି, ''ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭୁ, ନିର୍ବିଘ୍ନ କୁରୁମେ ଦେବ ସର୍ବକାୟେଷୁ ସର୍ବଦା ।'' ଶ୍ରୀଗଣେଶ ହେଲେ ମା' ପାର୍ବତୀଙ୍କର ମାନସପୁତ୍ର । ଥରେ ମାତା ପାର୍ବତୀ ସ୍ନାନ କରୁଥିବା ସମୟରେ ତାଙ୍କ ଦେହର ମଳୁଖ ବା ହଳଦିକୁ ଏକାଠି କରି ଏକ ପୁତଳୀ ତିଆରି କଲେ । କୌତୁହଳବଶତଃ ସେ ପିତୁଳାକୁ ଜୀବନ୍ୟାସ ଦେଲେ । ପରେ ସେ ପିତୁଳା ମା ପାର୍ବତୀଙ୍କର ନୟନ ପିତୁଳା ହୋଇ ଗଣେଶ ନାମରେ ବିଖ୍ୟାତ ହେଲେ । ଭାଦ୍ରବମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିକୁ ଗଣେଶ ଚତୁର୍ଥୀ ଭାବରେ ନାମିତ କରାଯାଏ । ସେଦିନ ଘରେ ଘରେ, ଶିକ୍ଷାନୁଷ୍ଠାନରେ ବିଘ୍ନରାଜ ଗଣେଶଙ୍କର ପୂଜା କରାଯାଏ । ଗଣେଶଙ୍କର ନାମ ମଧ୍ୟ ଏକଦନ୍ତ ଓ ଚର୍ତୁଭୁଜ । ତାଙ୍କର ଚାରିହାତରେ ଫାଶ, ଅଙ୍କୁଶ, ଅଭୟ ଓ ବରଦ ମୁଦ୍ରା ଶୋଭିତ । ଶରୀର ରକ୍ତବର୍ଣ୍ଣ ପୁଷ୍ପ ଓ ବସନ ତାଙ୍କ ଅତିପ୍ରିୟ । ଗଣେଶଙ୍କ ବେଶଭୂଷାର ବର୍ଣ୍ଣନା ମଧ୍ୟରେ ପୁରାଣରେ ଖୁବ୍ ଚମତ୍କାର ଭାବରେ ରହିଛି । ମୋତି ଓ ରତ୍ନ ଆଦି ତାଙ୍କର ମୁକୁଟରେ ଖଞ୍ଜା ହୋଇଥାଏ । ସମଗ୍ର ଶରୀରରେ ସେ ରକ୍ତ ଚନ୍ଦନ ଲେପନ କରିଥାନ୍ତି । ଗଳାରେ ମୋତିମାଳା, ବକ୍ଷସ୍ଥଳରେ ପଇତା, ବାହୁରେ ରତ୍ନ ଖଚିତ ବାହୁଟି, ମର୍କତମଣିରା ମୁଦି, ଭାଲପଟରେ ଚନ୍ଦ୍ରମା ଆଦି ତାଙ୍କର ଶୋଭା ବର୍ଦ୍ଧନ କରିଥାଏ । ଗଣେଶ ସର୍ବଗଣ ସମ୍ପନ୍ନ । ବିଦ୍ୟା ଓ ବୁଦ୍ଧିରେ ଭାରୀ ପ୍ରଖର । ବୁଦ୍ଧିଦ୍ୱାରା ସେ ତାଙ୍କର ବଡ଼ଭାଇ କାର୍ତ୍ତିକଙ୍କୁ ମଧ୍ୟ ପଛରେ ପକାଇଦେଇଥିଲେ । ଥରେ ମହାଦେବ ନିର୍ଣ୍ଣୟ କଲେ ଯିଏ ସାରା ପୃଥିବୀକୁ ପରିକ୍ରମା କରି ଆସିବ ସେ ବୁଦ୍ଧିମାନ ଓ ବଳଶାଳୀ ହୋଇପାରିବ । ଗଣେଶ ଓ କାର୍ତ୍ତିକଙ୍କ ମଧ୍ୟରେ ପ୍ରତିଯୋଗିତା ହେଲା । କାର୍ତ୍ତିକ ତାଙ୍କର ମୟୂର ବାହାନରେ ବସି ପୃଥିବୀ ପରିକ୍ରମା ପାଇଁ ବାହାରିଲେ ଏବଂ ଗଣେଶ ମଧ୍ୟ ତାଙ୍କର ମୂଷା ବାହାନରେ ବାହାରିପଡ଼ିଲେ । ଚତୁର ଗଣେଶ ପିତାମାତାଙ୍କୁ ବହୁତ ଶ୍ରଦ୍ଧା ଓ ଭକ୍ତି କରୁଥିଲେ । ସେ ଜାଣିଥିଲେ ପିତାମା ହେଉଛନ୍ତି ସବୁଦେବତାଙ୍କ ମଧ୍ୟରେ ଶ୍ରେଷ୍ଠ । ସେ ନିର୍ଣ୍ଣୟ କଲେ ସେ ଯଦି ପିତାମାତାଙ୍କ ଚାରିପାଖରେ ସାତଥର ପରିକ୍ରମା କରିବେ, ତାହା ପୃଥିବୀ ପରିକ୍ରମା ଠାରୁ ଶହେଗୁଣ ଆଗରେ ରହିବ । ସେ ମଧ୍ୟ ସେୟା କଲେ । ମୂଷା ବାହାନରେ ବସି ପିତାମାତାଙ୍କ ଚାରିପାଖରେ ବୁଲିଆସିଲେ । କିନ୍ତୁ କାର୍ତ୍ତିକ ମୟୂର ବାହାନରେ ବସି ବୁଲି ବୁଲି ହାଲିଆ ହୋଇ ପଡ଼ିଲେଣି । କ'ଣ କରିବେ ? ସେତିକି ବୁଲି ସେ ଫେରି ଆସିଲେ ମାତାପିତାଙ୍କ ନିକଟକୁ ଏବଂ ଦେଖିଲେ ଗଣେଶ ବହୁପୂର୍ବରୁ ଆସି ବସିଛନ୍ତି । କାର୍ତ୍ତିକ ଏହାଶୁଣି ବିସ୍ମିତ ହେଲେ । ଏଥିରୁ ଗଣେଶଙ୍କର ପ୍ରଖର ବୁଦ୍ଧିର ପରିଚୟ ମିଳେ ।

ମହାଭାରତର ଆଦି ପର୍ବରେ ଲେଖାଅଛି ବେଦବ୍ୟାସ ମହାଭାରତ ଲେଖିବା ପାଇଁ ଇଛା ପ୍ରକାଶ କରି ଧ୍ୟାନସ୍ଥ ହୋଇ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ । ବ୍ରହ୍ମା ଆଦେଶ ଦେଲେ ମହାଜ୍ଞାନୀ ଗଣେଶଙ୍କୁ ଲେଖିବା ପାଇଁ । ବେଦବ୍ୟାସଙ୍କ ଅନୁରୋଧରେ ଗଣେଶ ମହାଭାରତ ଲେଖିବା ପାଇଁ ଗୋଟିଏ ସର୍ତ୍ତ ରଖି ମହାଭାରତ ଲେଖିଲେ ସର୍ତ୍ତଟି ଥିଲା ''ବେଦବ୍ୟାସ ଯାହା ଡାକିବେ ଗଣେଶ ତାହାକୁ ଲେଖିବେ ଏବଂ ଲେଖନୀ କ୍ଷଣିକ ପାଇଁ ଅଟକିବ ନାହିଁ । ଅଟକିଗଲେ ସେହିଠାରୁ ଲେଖା ବନ୍ଦ ରହିବ । ଏହି କଥୋପକଥନ ଦ୍ୱାରା ବେଦବ୍ୟାସଙ୍କ ମୁଖନିସୃତ ବାଣୀ ଗଣେଶଙ୍କର ଲେଖନୀରେ ମହାଭାରତରେ ରୂପାନ୍ତରିତ ହୋଇଥିଲା ।' ପଦ୍ମପୁରାଣରେ ବର୍ଣ୍ଣିତ ଅଛି, ଥରେ ପର୍ଶୁରାମ ଶିବଙ୍କ ଦର୍ଶନ ପାଇଁ କୈଳାଶ ପର୍ବତକୁ ଯାଇଥିଲେ । ଗଣେଶ ଦ୍ୱାରା ଜଗିବା ଦାୟିତ୍ୱ ନେଇଥିଲେ ଏବଂ ପର୍ଶୁରାମଙ୍କୁ ଭିତରକୁ ଯିବାକୁ ଅନୁମତି ଦେଇନଥିଲେ । ଫଳରେ ଗଣେଶ ଓ ପର୍ଶୁରାମଙ୍କ ମଧ୍ୟରେ ତୁମୁଳ ଯୁଦ୍ଧ ହେଲା । ଏବଂ ପର୍ଶୁରାମଙ୍କ ପର୍ଶୁଘାତରେ ଗଣେଶଙ୍କର ଗୋଟିଏ ଦାନ୍ତର ଅଧା ଭାଙ୍ଗିଗଲା । ସେହିଦିନ ଠାରୁ ଗଣେଶ ଏକଦନ୍ତ ନାମରେ ନାମିତ ହେଲେ । ଭାଦ୍ରବମାସ ଶୁକ୍ଳପକ୍ଷ ଚତୁର୍ଥୀ ଦିନ ତାଙ୍କର ପୂଜା ସବୁଆଡ଼େ ପାଳନ କରାଯାଏ । ମହାରାଷ୍ଟ୍ରରେ ଗଣେଶପୂଜା ଦେଶର ଅନ୍ୟ ରାଜ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର । ଏଠାରେ ୧୫/୧୬ ଦିନ ଧରି ଗଣେଶ ପୂଜା ପାଳନ କରାଯାଏ । ସ୍କୁଲ, କଲେଜ, ଅଫିସମାନଙ୍କର ମଧ୍ୟ ଗଣେଶ ସବୁଠି ଅଗ୍ରପୂଜ୍ୟ । ବିଦ୍ୟା ବୁଦ୍ଧିର ପ୍ରତୀକ । ବିଘ୍ନରାଜ ବିଘ୍ନନାଶକ ସେ । ହେ ଅଗ୍ରପୂଜ୍ୟ, ଗିରିଜା ନନ୍ଦନ, ବିଘ୍ନନାଶନ ସମସ୍ତଙ୍କର ବିଘ୍ନନାଶ କରନ୍ତୁ ଏବଂ ସମସ୍ତଙ୍କୁ ସୁଖଶାନ୍ତି ପ୍ରଦାନ କରନ୍ତି । ''ଗଣେଶ, ବିଘ୍ନେଶ ଗିରିଜାନନ୍ଦନ ପ୍ରଭୋ, ମମ ବିଘ୍ନ ବିନାଶାୟ ଗଣାଦବପତୟେ ନମଃ' ।

ସେଣ୍ଟ ଥୋମାସ ଇଂଲିଶ ସ୍କୁଲ,
ଝାରସୁଗୁଡ଼ା

# ଗଣାନାଂ ତ୍ୱାଂ ଗଣପତି ହବାମହେ...


କିଶୋର କୁମାର ଜେନା

ଗଣେଶଙ୍କ ବିଗ୍ରହର ଗଜମୁଖ ଭାରତର ଆଦିମ ବାଣୀ ଓଁକାରର ପ୍ରତୀକ, ତେଣୁ ଗଣେଶ ଓଁକାର ସ୍ୱରୂପ ପରଂବ୍ରହ୍ମ ଭାବେ ମଧ୍ୟ ପୂଜିତ । ଯଜୁର୍ବେଦରେ ଗଣେଶଙ୍କ ମନ୍ତ୍ର ନିମ୍ନ ଭାବେ ରହିଛି – ''ଗଣାନାଂ ତ୍ୱାଂ ଗଣପତି ହବାମହେ, ପ୍ରିୟାଣାଂ ତ୍ୱାଂ ପ୍ରିୟପତି ହବାମହେ, ନିଧିନାଂ ତ୍ୱାଂ ନିଧିପତିଂ ହବାମହେ, ବସୋର୍ମମ ।'' ଓଡ଼ିଆ ଜନଜୀବନ ତଥା ଶିକ୍ଷାୟତନରେ ଗଣେଶ ପୂଜା ବା ଗଣନାଥଙ୍କ ପୂଜା ଏକ ମହତ୍ପୂର୍ଣ୍ଣ ଉତ୍ସବ । ମହାପ୍ରଭୁ ଶ୍ରୀ ଗଣେଶ କେବଳ ବିଦ୍ୟାଦାତା ନୁହଁନ୍ତି ସେ ଧର୍ମଦାତା ଓ ସିଦ୍ଧିଦାତା ଭାବେ ଅଗ୍ରପୂଜ୍ୟର ଆସନ ଗ୍ରହଣ କରିଛନ୍ତି । କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ଶ୍ରୀଗଣେଶଙ୍କ ପୂଜା ମହାଆଡ଼ମ୍ବର ସହକାରେ ପୂଜା ହୋଇଥାଏ । ଓଡ଼ିଶାର ଶରତ ଋତୁରେ ଶ୍ରୀ ଗଣେଶ ପୂଜା ହେଉଛି ଅନ୍ୟତମ ପାର୍ବଣ । ଭାଦ୍ରବ ମାସ ପବିତ୍ର ଶୁକ୍ଳ ଚତୁର୍ଥୀଦିନ ଏହି ପୂଜା କରାଯାଇଥାଏ । ସେ ଦିନ ଛାତ୍ରଛାତ୍ରୀଙ୍କ ଠାରୁ ଅନେକ ଗଣେଶଙ୍କ ଶ୍ରଦ୍ଧାଳୁ ଉପବାସ କରିବା ସହ ବିଦ୍ୟା, ଧନ ଓ ଶୁଭକାମନା କରି ଶୁଦ୍ଧପୂତ ମନରେ ଗଣପତିଙ୍କ ପୂଜା କରନ୍ତି । ଆମ ଦେଶରେ ସମସ୍ତ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ । 'ଶ୍ରୀ ଗଣଶାୟ ନମଃ' ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ । ଗଣାନାଂ ପତିଃ ଗଣପତିଃ, ତେଣୁ ମନ୍ତ୍ରରୁ ହିଁ ଜଣାଯାଏ ଯେ, ଗଣେଶ ସର୍ବସାଧାରଣଙ୍କ ଦେବତା । ଗଣପତି ସମୁହବାଚକ ହୋଇଥିବାରୁ ସମଗ୍ର ମାନବ ଜାତିର ସର୍ବସିଦ୍ଧିଦାତା ଭାବେ ସେ ପୂଜ୍ୟ । ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା । ତାଙ୍କର ଅନ୍ୟ ନାମ ବିଶ୍ଳେଷଣ । ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ । ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି । ତେଣୁ ତାଙ୍କର ଉଦ୍ଦେଶ୍ୟରେ କୁହାଯାଏ । ''ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦ ପ୍ରଭୋ, ମମ ବିଘ୍ନ ବିନାଶୟ, ଗଣାଧିପତୟେ ନମଃ'' ।

ଓଡ଼ିଶାରେ ଗଣେଶ ପୂଜା ଏକ ବିଶେଷ ମହତ୍ୱ ରଖିଛି । ଓଡ଼ିଶାର ପ୍ରାୟ ସବୁ ତୀର୍ଥସ୍ଥଳ ଦେବାଦେବୀଙ୍କ ପୀଠ, ଦେବାଳୟ ଓ ମନ୍ଦିର ମାନଙ୍କରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ମୂର୍ତ୍ତି ବିରାଜମାନ ହୋଇଥାଏ । ମହାପ୍ରଭୁ ଜଗନ୍ନାଥଙ୍କ କ୍ଷେତ୍ର ଶ୍ରୀମନ୍ଦିରରେ ବିରାଟ ଗଣେଶ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି । ଇତିହାସରୁ ତଥ୍ୟରୁ ଜଣାଯାଏ ଯେ ଗଜପତି ପୁରୁଷୋତ୍ତମଦେବ କାଞ୍ଚି ବିଜୟ କରି କାଞ୍ଚିରାଜାଙ୍କ ଇଷ୍ଟ ଦେବତା ଏହି ଗଣପତି ମୂର୍ତ୍ତି ଆଣି ବିଧି ସହକାରେ ଶ୍ରୀମନ୍ଦିରରେ ଅଧିଷ୍ଠିତ କରାଇଛନ୍ତି । ସେହିପରି ମନ୍ଦିର ମାଳିନୀ ସହର ଭାବେ ପରିଚିତ ଭୁବନେଶ୍ୱରରେ ମଧ୍ୟ ବହୁ ଗଣେଶ ବିଗ୍ରହ ରହିଛି । ସମାଜ ମଧ୍ୟରେ ଜ୍ଞାନର ପ୍ରସାର ଓ ବୃଦ୍ଧି ଦିଗରେ ଗଣେଶ ପୂଜାରେ ସାମାଜିକ ଓ ସାଂସ୍କୃତିକ ମହତ୍ୱ ରଖିଥାଏ । ସମସ୍ତେ ଭକ୍ତିଭାବ ପ୍ରଣଦୀତ ହୋଇ ଶ୍ରୀ ଗଣେଶଙ୍କ କୃପାପ୍ରାପ୍ତି ସହ ସଂସ୍କୃତିର ବିକାଶ ଦିଗରେ କାର୍ଯ୍ୟ କରିଥାନ୍ତି । ଆମ ସାମାଜିକ ପ୍ରଥା ଓ ପରମ୍ପରାରେ ବିନାୟକ ବ୍ରତ ଏକ ମହାନ ବ୍ରତ ଭାବେ ପାଳିତ । ଏହି ବ୍ରତରେ ସାଧାରଣ ପୂଜା ପୂଜିର ଦ୍ରବ୍ୟ ବ୍ୟତୀତ ମାଳତୀ, ଭୃଙ୍ଗରାଜ, ବିଲ୍ୱ, ଶ୍ୱେତଦୁର୍ବା, ବଦରୀ, ଧୁତୁରା, ତୁଳସୀ, ଶମୀ, ବୃହତୀ, କରବୀର, ନିଆଳି, ଅର୍ଜ୍ଜୁନ, ବିଷ୍ଣୁତ୍ରୟ, ଦାଡ଼ିମ୍ବ, ଦେବଦାରୁ, ମରୁପତ୍ର, ଅଶ୍ୱତ୍ଥ, ଯାଇ, କେତକୀ, ଅଗସ୍ତିପତ୍ର, ଆମ୍ର, ଖୁର୍ଜର, କଦଳୀ, ନରିକେଳ, ମୋଦକ ୨୧ଗୋଟି, ଦୁର୍ବା ୨୧ କେରା, ରକ୍ତ ବସ୍ତ୍ର ଓ ଯଜ୍ଞୋପବୀତ ବ୍ୟବହାର କରାଯାଏ । ଓଡ଼ିଶାର ସମସ୍ତ ଶିକ୍ଷାୟତନରେ ବିଦ୍ୟାଦାତା ମହାପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ହୋଇଥାଏ । କେହି କେହି ନିଜ ପୂଜାଘରେ ମଧ୍ୟ ଶ୍ରୀଗଣେଶଙ୍କ ପୂଜା କରିଥାନ୍ତି । ଏହି ଦିନରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଶ୍ରୀ ଗଣେଶଙ୍କ ପୂଜା ଆଉ କେହି ଖାତା ପୂଜା କରି ବ୍ୟବସାୟର ଉନ୍ନତି ପାଇଁ ମହାପ୍ରଭୁ ଗଣନାଥଙ୍କ ଆଶୀର୍ବାଦ ନେଇଥାନ୍ତି । ଶ୍ରୀ ଗଣେଶପୂଜାରେ ଗଣେଶଙ୍କ ପ୍ରିୟ ରାଶିଲଡୁ, ନଡ଼ିଆ, ମୋଦକ ପ୍ରଭୃତି ନୈବେଦ୍ୟ ସମର୍ପଣ ହୋଇଥାଏ । ଏହି ଜିନିଷର ବିଶେଷକରି ରାଶିର ଔଷଧୀୟ ଗୁଣ ହେଉଛି ଏହା ମସ୍ତିଷ୍କର ସ୍ନାୟୁ ସବଳ କରିଥାଏ ଯାହା ମେଦାବର୍ଦ୍ଧକ ଭାବେ କାର୍ଯ୍ୟ କରେ । ବିଦ୍ୟାଦାତା, ବିଘ୍ନନାଶକ, ଧନ ଦେବତା, ଗଣପତିଙ୍କ ଜନ୍ମକାହାଣୀ ମଧ୍ୟ ଅତ୍ୟନ୍ତ କୌତୁହଳପୂର୍ଣ୍ଣ । ପୁରାଣ କାହାଣୀ ଅନୁଯାୟୀ କୈଳାସପତି ଶିବଙ୍କ ପତ୍ନୀ ପାର୍ବତୀ ନିଜ ଅଙ୍ଗରୁ ଗଣପତିଙ୍କୁ ଜନ୍ମ ଦେଇ ନିଜ ଦ୍ୱାରର ରକ୍ଷକ ଭାବେ ଜଗାଇଥିଲେ । ଏହି ସମୟରେ ତପସ୍ୟା ସାରି ମହାପ୍ରଭୁ ଭୋଳାଶଙ୍କର ପାର୍ବତୀଙ୍କୁ ସାକ୍ଷାତ କରିବାକୁ ଆସିବାରୁ ଶ୍ରୀ ଗଣେଶ ତାଙ୍କ ବାଟ ଛାଡ଼ିନଥିଲେ । ପରବର୍ତ୍ତୀ ସମୟରେ କଥୋପକଥନ ହୋଇ ଦୁଇଜଣଙ୍କ ମଧ୍ୟରେ ମୁହାଁମୁହିଁ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇ ପ୍ରଥମେ ସ୍ୱୟଂ ଶିବଶମ୍ଭୁ ଗଣପତିଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ପରେ ସେ ଯୁଦ୍ଧରେ ବିଜୟୀ ହେଲେ ଓ ଗଣନାଥଙ୍କ ମସ୍ତକ ଛେଦନ କରିଥିଲେ । କିନ୍ତୁ ଶିବ ପାର୍ବତୀଙ୍କ ପାଖରେ ପହଞ୍ଚିବା ପରେ ସମସ୍ତ ସମ୍ପର୍କ ବିଷୟରେ ଜାଣି ଗଣନାଥଙ୍କ ଛିଣ୍ଡି ଯାଇଥିବା ମସ୍ତିଷ୍କର ଖୋଜା ଚାଲିଲା । ପରିଶେଷରେ ତାହା ନମିଳିବାରୁ ଏକ ହସ୍ତୀର ମସ୍ତକ ଛେଦନ କରାଯାଇ ଗଣନାଥଙ୍କ ଶରୀରରେ ଲାଗିଥିଲା ଓ ସଞ୍ଜିବନୀ ମନ୍ତ୍ରରେ ସେ ଜୀବନ୍ୟାସ ପାଇଥିଲେ । ଶିବଙ୍କ ବର ତାଙ୍କୁ ମିଳିଥିଲା ଯେ, ପ୍ରତ୍ୟେକ ଦେବାଦେବୀଙ୍କ ପୂଜା ପୂର୍ବରୁ ତାଙ୍କ ଆରଧନା କରାଯିବ । ଶ୍ରୀ ଗଣେଶଙ୍କ ସ୍ତୁତିଟି ହେଉଛି – ''ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟିସମପ୍ରଭଃ । ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯେଷୁ ସର୍ବଦା ।'' ଓଡ଼ିଶାର ପୁରପଲ୍ଲୀରେ ତେଲି ସମ୍ପ୍ରଦାୟରେ ପ୍ରାୟତଃ ଶ୍ରୀ ଗଣେଶଙ୍କ ପୂଜା ସାତ ଦିନ ବା ନଅ ଦିନ ବ୍ୟାପୀ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଗଣନାଥଙ୍କ ପୂଜା ଓଡ଼ିଆର ଜନଜୀବନରେ ଏକ ମହତ୍ପୂର୍ଣ୍ଣ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ ।

ଆଇନଜୀବୀ, ବଙ୍ଗାଳିସାହି, କଟକ,
ଦୂରଭାଷ : ୭୩୨୫୯୦୪୯୨୭/
୭୩୭୭୪୩୯୦୭୭

# ଭାରତୀୟ ଇତିହାସ ଦୃଷ୍ଟିରୁ ଅଗଷ୍ଟ ମାସର ଗୁରୁତ୍ୱ ଅଧିକ


ଗୋପାଳ ମହାପାତ୍ର

ଅଗଷ୍ଟ ମାସ ଭାରତୀୟ ଇତିହାସ ଦୃଷ୍ଟିରେ ଅତ୍ୟନ୍ତ ମହତ୍ୱପୁର୍ଣ୍ଣ। ଅଗଷ୍ଟ ମାସରେ ଭାରତରେ ୩ଟି ଗୁରୁତ୍ୱପୁର୍ଣ୍ଣ ଘଟଣା ଘଟିଥିଲା। କିନ୍ତୁ ଏ ତିନି ଘଟଣାକୁ ଜନ୍ମ ଦେଇଥିବା ଦୁର୍ଭାଗ୍ୟପୁର୍ଣ୍ଣ ୪ର୍ଥ ଘଟଣା ମଧ୍ୟ ଏହି ଅଗଷ୍ଟ ମାସରେ ଘଟିଥିଲା। ଏହି ୪ର୍ଥ ଘଟଣା ଉପରେ ଅଧିକ ଗୁରୁତ୍ୱ ଦିଆଯାଏ ନାହିଁ ଯଦିଓ ସବୁର ମୂଳ ହେଉଛି ୪ର୍ଥ ଘଟଣା। ବ୍ୟବସାୟ ମାଧ୍ୟମରେ କୌଣସି ଦେଶ ଉପରେ କେମିତି କବ୍‌ଜା କରାଯାଏ ଏସବୁ କଥା ମଧ୍ୟ ଏହି ୪ର୍ଥ ଘଟଣାର ଆଧାରରେ ଅନୁଶୀଳନ କରାଯାଇପାରେ। ସେହି ଦିନଟି ଥିଲା ୧୬୦୮ ମସିହା ଅଗଷ୍ଟ ୨୪ ତାରିଖ। ଏହି ଦିନଟି ଭାରତ ପାଇଁ ଦୁର୍ଭାଗ୍ୟ ଏବଂ ଦୁର୍ଦ୍ଦଶାର ଦିନ ଭାବେ ସିଦ୍ଧ ହୋଇଥିଲା କାରଣ ଏହି ଦିନ ସୁରଟ ବନ୍ଦରରେ ହେକ୍ଟର ନାମକ ଜାହାଜ ପହ ୍ଥିଲା ଏବଂ ଜାହାଜରେ ଆସିଥିଲେ ୱିଲିୟମ ହକିନ୍ସ ନାମକ ଲୁଟେରା ଏବଂ ତାଙ୍କର କିଛି ସହଯୋଗୀ। ନିଜକୁ ଇଷ୍ଟ ଇଣ୍ଡିଆ କମ୍ପାନୀର ବ୍ୟବସାୟୀ ବୋଲି ପରିଚୟ ଦେଉଥିଲେ। ଏହି କମ୍ପାନୀ ଥିଲା ଲଣ୍ଡନରେ। ଲଣ୍ଡନର କିଛି ବ୍ୟବସାୟୀ ଏହି କମ୍ପାନୀ ସ୍ଥାପନ କରିଥିଲେ। ୱିଲିୟମ ହକିନ୍ଦ ତାଙ୍କ ସହଯୋଗୀ ମାନଙ୍କ ସହ ବ୍ୟବସାୟୀ ଭାବେ ଆଗ୍ରା ଯାଇ ପହ ୍ଲେ ଓ ସେଠି ମୋଗଲ ଶାସକ ସଲିମ ଓରଫ ଜାହାଙ୍ଗୀରଙ୍କ ସହ ଭେଟ କରିଥିଲେ। ମୋଗଲ ସମ୍ରାଟ ସଲିମଙ୍କ ପ୍ରସଙ୍ଗରେ ଇତିହାସରେ ଯାହା ଉଲ୍ଲେଖ ରହିଛି ତାହା ହେଉଛି ସେ ୨୪ ଘ । ମଦ୍ୟପାନ କରିବା ସହ ଅୟସରେ ବୁଡି ରହୁଥିଲେ। କୁହାଯାଏ ଯେ ସଲିମ ଇଷ୍ଟଇଣ୍ଡିଆ କମ୍ପାନୀର ଏହି ତଥାକଥିତ ବ୍ୟବସାୟୀ ମାନଙ୍କୁ ସ୍ୱାଗତ କରିଥିଲେ। ଲରି କୋଲିନ୍ସ ତାଙ୍କ ଦ୍ୱାରା ଲିଖିତ ପୁସ୍ତକରେ ସେ ଲେଖିଛନ୍ତି ଯେ ୱିଲିୟମ ହକିନ୍ସ ଏବଂ ତାଙ୍କର ସହଯୋଗୀ ମାନେ ସଲିମଙ୍କୁ ଆପ୍ୟାୟିତ କରି ଏପରିକି ପୁରସ୍କାର ପ୍ରଦାନ କରି ତାଙ୍କ ସହଯୋଗ ପାଇବାରେ ସକ୍ଷମ ହୋଇଥିଲେ।

ଲରି କୋଲିନ୍ସ ତାଙ୍କ ପୁସ୍ତକରେ ଲେଖିଛନ୍ତି ଯେ ସଲିମ ଇଷ୍ଟଇଣ୍ଡିଆ କମ୍ପାନୀର ବ୍ୟବସାୟୀ ମାନଙ୍କ ପାଇଁ ଭବ୍ୟ ସ୍ୱାଗତର ଆୟୋଜନ କରିଥିଲେ ଯାହା ଅଭୁତପୂର୍ବ ଥିଲା ଯେଉଁଥିରେ ହକିନ୍ସ ଏବଂ ତାଙ୍କ ସହଯୋଗୀ ମାନେ କୃତ୍ୟ କୃତ୍ୟ ହୋଇଯାଇଥିଲେ। ଏହାର ଅନ୍ୟ ଅର୍ଥ ହେଉଛି ସେ ସମୟରେ ଇଂରେଜମାନଙ୍କ ସାମାଜିକ ଏବଂ ଆର୍ଥୀକ ସ୍ଥିତି ଏତେ ଭଲ ନଥିଲା। କଲିନ୍ସ ତାଙ୍କ ପୁସ୍ତକରେ ଇଂରେଜ ମାନଙ୍କ ଆର୍ଥିକ ସ୍ଥିତି ବାବଦରେ ବର୍ଣ୍ଣନା କରି ଲେଖିଛିଁ ଯେ ଯେତେବେଳେ ୱିଲିୟମ ହକିନ୍ସ ଏବଂ ତାଙ୍କ ସହଯୋଗୀ ମାନେ ସଲିମଙ୍କୁ ଭେଟିଥିଲେ ସେତେବେଳେ ସଲିମ ଏତେ ଧନବାନ ଥିଲେ ଯେ ସଲିମଙ୍କ କୌଣସି ମାମୁଲି ସୁବେଦାରଙ୍କ ଆର୍ଥୀକ ସ୍ଥିତି ତୁଳନାରେ ତତ୍କାଳିନ ଇଂଲଣ୍ଡର ମହାରାଣୀଙ୍କ ସ୍ଥିତି ମଧ୍ୟ ନ୍ୟୁନ ଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ସଲିମଙ୍କ ଜଣେ ସୁବେଦାରଙ୍କଠାରୁ ଆର୍ଥୀକ ସ୍ତରରେ ନ୍ୟୁନ ଥିବା ଇଂଲଣ୍ଡର ରାଣୀ ପରବର୍ତୀ ସମୟରେ ଭାରତର ମହାରାଣୀ ପାଲଟି ଯାଇଥିଲେ। କିନ୍ତୁ ଛଳନା ଏବଂ ଷଡ଼ଯନ୍ତ୍ର ରେ ହିଁ ଏକଥା ହୋଇପାରିଥିଲା। ବର୍ତମାନର ଏହି ପିଢ଼ୀ ଏକଥା ଜାଣିବା ଆବଶ୍ୟକ ଯେ ଇଂରେଜ ମାନଙ୍କୁ ପରବ ୀ ସମୟରେ ଯେପରି ମହିମା ମଣ୍ଡନ କରାଯାଇଥିଲା ତାହା ସଂପୁର୍ଣ୍ଣ ମନଗଢ଼ା କାହାଣୀ ଥିଲା। ଭାରତ ଉପରେ କବ୍‌ଜା କରିବା ପୁର୍ବରୁ ଇଂଲଣ୍ଡର କୃଷକମାନେ ଭାରତର କୃଷକ ମାନଙ୍କ ଠାରୁ ଦରିଦ୍ର ଥିଲେ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଜୀବିକା ନିର୍ବାହ କରୁଥିଲେ। କିଁ ଇଂରେଜ ମାନେ ଭାରତ ଛାଡିବା ବେଳକୁ ଭାରତର କୃଷକ ମାନଙ୍କର ଅବସ୍ଥା ୧୬୦୦ ବେଳର ଇଂଲଣ୍ଡର କୃଷକ ମାନଙ୍କ ଅବସ୍ଥାରେ ପରିଣତ କରିଦେଇଥିଲେ। ସଲିମ ଇଷ୍ଟଇଣ୍ଡିଆ କମ୍ପାନୀକୁ ତାଙ୍କ ଶାସିତ ପ୍ରଦେଶରେ ବ୍ୟବସାୟ କରିବାକୁ ଅନୁମତି ଦେଇଥିଲେ। ଇଷ୍ଟଇଣ୍ଡିଆ କମ୍ପାନୀ ମସଲା, ଚିନି, ଚା ଭଳି ବସ୍ତୁ ବିକ୍ରୀ କରି ଶତ ପ୍ରତିଶତ ଲାଭ କମାଉଥିଲେ। ଭାରତରେ ସେମାନଙ୍କ ବ୍ୟବସାୟ ସ୍ଥିର କରିବା ପରେ ସେମାନେ ଧିରେ ଧିରେ ଭାରତର ଶାସକ ପାଲଟିଥିଲେ। ଏହି ପ୍ରକାର ଅଗଷ୍ଟ ମାସରେ ହିଁ ଇଂରେଜ ମାନେ ତାଙ୍କ ଶାସନର ମି ବୁଣିଥିଲେ।

ଏହି ଇଂରେଜ ମାନଙ୍କୁ ଦେଶରୁ ତଡିବା ପାଇଁ ସବୁଠାରୁ ବଡ଼ ଆନ୍ଦୋଳନ 'ଭାରତ ଛାଡ଼ ଆନ୍ଦୋଳନ' ମଧ୍ୟ ଅଗଷ୍ଟ ମାସରେ ହିଁ ହୋଇଥିଲା ଯାହାକୁ ଅଗଷ୍ଟ କ୍ରାନ୍ତି ବୋଲି କୁହାଯାଏ। ୧୯୪୨ ମସିହା ଅଗଷ୍ଟ ୮ ତାରିଖଦିନ ଭାରତ ଛାଡ଼ ଆନ୍ଦୋଳନ ହୋଇଥିଲା। ସଂଯୋଗ ବଶତଃ ଅଗଷ୍ଟ ମାସରେ ଇଂରେଜ ମାନେ ଭାରତକୁ ଆସିଥିଲେ ଓ ସେଇ ଅଗଷ୍ଟ ମାସରେ ସେମାନଙ୍କୁ ଭାରତ ଛାଡି ଯିବା ପାଇଁ କୁହାଯାଇଥିଲା। ସେଇ ଅଗଷ୍ଟ ମାସର ୧୫ତାରିଖ ଦିନ ଇଂରେଜ ମାନେ ଭାରତରୁ ସବୁଦିନ ପାଇଁ ବିଦାୟ ନେଇଥିଲେ। ୧୯୪୨ ଅଗଷ୍ଟ କ୍ରାନ୍ତି ପରଠାରୁ ୧୯୪୭ଅଗଷ୍ଟ ୧୫ ପର୍ଯ୍ୟନ୍ତ ୫ବର୍ଷ ଏମିତି କ'ଣ ହେଲା ଯେ ଇଂରେଜମାନଙ୍କୁ ଭାରତ ଛାଡିବାକୁ ପଡିଥିଲା ୧୮୫୭ ପୁର୍ବରୁ ଭାରତରେ ବ୍ରିଟିଶ ସରକାରଙ୍କ ଶାସନ ନଥିଲା। ଇଷ୍ଟଇଣ୍ଡିଆ କମ୍ପାନୀ ବେଆଇନ୍ ଭାବେ ଭାରତ ଉପରେ କବ୍‌ଜା କରିଥିଲା। ଏହାକୁ ଭାରତର ଲୋକେ ଅସ୍ୱୀକାର କରିନଥିଲେ ଯାହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଏ। ୧୮୫୭ର ବିରୋଧ ପରେ ଇଂରେଜ ମାନେ ଏତେ ଭୟଭୀତ ହୋଇଯାଇଥିଲେ ଯେ ଇଷ୍ଟଇଣ୍ଡିଆ କମ୍ପାନୀ ଠାରୁ ଶାସନ ବ୍ୟବସ୍ଥା ରାଣୀ ଭିକ୍ଟୋରିଆ ନିଜ ହାତକୁ ନେଇ ଯାଇଥିଲେ। ଇଷ୍ଟ ଇଣ୍ଡିଆ କମ୍ପାନୀ ସହ ମରାଠା ଏବଂ ଶିଖ ରାଜାମାନଙ୍କର ଭୟଙ୍କର ଯୁଦ୍ଧ ହୋଇଥିଲା ଏବଂ ମୋଗଲ ଶାସନ ନାମକୁ ମାତ୍ର ରହିଯାଇଥିଲା। କିନ୍ତୁ ଇଂରେଜମାନେ ମୁସଲମାନଙ୍କୁ ଏମିତି ମିଛ ସତ କହି ପ୍ରବ ୀଇବାରେ ସକ୍ଷମ ହୋଇଥିଲେ ଯେ ମୁସଲମାନ ମାନେ ମୁସଲିମ ଶାସନର କଥା ଉଠାଇବାରେ ଲାଗିଲେ। ଫଳରେ ଇଂରେଜମାନେ ଦେଶ ଛାଡିବା ବେଳେ ଦେଶକୁ ବିଭାଜିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହା ମଧ୍ୟ ଘଟିଥିଲା ଅଗଷ୍ଟ ମାସରେ। ଅଗଷ୍ଟ ୧୫ରେ ଭାରତ ସ୍ୱାଧିନ ହେବାର ପୁର୍ବଦିନ ଅର୍ଥାତ୍ ଅଗଷ୍ଟ ୧୪ ତାରିଖ ଦିନ ପାକିସ୍ଥାନ ଭାରତରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଥିଲା। ଏଣୁ ଭାରତର ଇତିହାସରେ ଅଗଷ୍ଟ ମାସର ଗୁରୁତ୍ୱ ଅଧିକ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ମମବିଘ୍ନ ବିନାଶାୟ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସିଦ୍ଧି ବିନାୟକ ପ୍ରଭୁ ଗଣେଶଙ୍କ ପାଖରେ ଭକ୍ତଜନ ଆକୁଳ କଣ୍ଠରେ ପ୍ରାର୍ଥନା କରୁଛନ୍ତି 'ମମବିଘ୍ନ ବିନାଶାୟ ଗଣାଧିପତୟେ ନମଃ'। ଗଣ ଓ ଈଶ ସମଷ୍ଟିରେ ଗଣେଶ। ଗଣ ଏକ ସଂଖ୍ୟାବାଚକ ଶବ୍ଦ, ଅର୍ଥ ଜନଗଣ ବା ମନୁଷ୍ୟର ସମଷ୍ଟି। କେବଳ ମନୁଷ୍ୟ କାହିଁକି, ପଶୁପକ୍ଷୀ, କୀଟପତଙ୍ଗ, ବୃକ୍ଷଲତା ଓ ସ୍ଥାବର ଜଙ୍ଗମ ସକଳଙ୍କର ଈଶ ବା ଅଧିପତି ହେଉଛନ୍ତି ଗଣେଶ। ଈଶ ଶବ୍ଦର ଅର୍ଥ ଆଧିପତ୍ୟ। ଅଧିର ଉତ୍ପତ୍ତି ସଂସ୍କୃତ ଧା' ଧାତୁରୁ ଅର୍ଥ – ଧାରଣ ଓ ପତିର ଉତ୍ପତ୍ତି ପା' ଧାତୁ ଠାରୁ – ଅର୍ଥ ପାଳନ। ତେଣୁ ଗଣେଶ ଶବ୍ଦର ସମୂହ ଅର୍ଥ ହେଉଛି ସୃଷ୍ଟିର ଯାବତୀୟ ସବୁକିଛିକୁ ଯିଏ ଧାରଣ, ପାଳନ ଓ ପୋଷଣ କରନ୍ତି। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ, କୌଣସି ଦେବପୂଜାରେ ପ୍ରଥମେ ଗଣେଶଙ୍କର ପୂଜା କରାଯାଏ। ଗଣେଶ ହେଉଛନ୍ତି ସମସ୍ତଙ୍କର ଧାରୟିତା, ପୋଷୟିତା, ପାଳୟିତା ଓ ରକ୍ଷଣକର୍ତ୍ତା। ଗଣେଶଙ୍କର ପିତା ଶିବ ଓ ମାତା ଦୁର୍ଗା। ଶିବ ଅର୍ଥ ମଙ୍ଗଳ ସ୍ୱରୂପ। ତେଣୁ ଗଣେଶ ନିଶ୍ଚିତ ଭାବରେ ଶିବ ସମ୍ଭବ। ତାଙ୍କର ମା' ହେଉଛନ୍ତି ଦୁର୍ଗା, ଦୁର୍ଗତିନାଶିନୀ, ଜୀବନର ଦୁର୍ଗ ସ୍ୱରୂପା, ଯାହାଙ୍କ ପାଖରେ ସମସ୍ତ ଅଶୁଭ ଓ ଅସୁର ଶକ୍ତି ପ୍ରତିହତ, ବିପର୍ଯ୍ୟସ୍ତ ଓ ବିନଷ୍ଟ। ସମସ୍ତ ଅକଲ୍ୟାଣ ବିରୋଧରେ ଦୁର୍ଗ ହୋଇଅଛନ୍ତି ମା'ଦୁର୍ଗା।

ଗଣେଶଙ୍କ ଅନ୍ୟନାମ ସିଦ୍ଧିଦାତା ଓ ସିଦ୍ଧି ବିନାୟକ। ତାଙ୍କ ପୂଜା କରିଲେ ସିଦ୍ଧି ହୁଏ। ମନସ୍କାମନା ପୂର୍ଣ୍ଣ ହୁଏ। ଏହି ସିଦ୍ଧି କ'ଣ ? ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ସିଦ୍ଧି ଭିତରେ ଅଛି ସିଦ୍ଧ ହେବାର ଭାବ। ସିଦ୍ଧି ହେବାମାନେ କାର୍ଯ୍ୟ, କର୍ମ ଓ ବାକ୍ୟରେ ଦକ୍ଷ ଓ କୁଶଳ ହେବା। ଯେଉଁ ବ୍ୟକ୍ତି କୁଶଳ କୌଶଳୀ ହୋଇ ଚାଲେ, କହିପାରେ ଓ କାର୍ଯ୍ୟ କରିପାରେ ସେ ଜୀବନରେ ହଟେନାହିଁ, ପ୍ରତାରିତ ହୁଏନାହିଁ ଓ ଅପରାଜେୟ ହୁଏ। ଗଣେଶଙ୍କ ପୂଜା ଓ ସମ୍ବର୍ଦ୍ଧନା ଭିତର ଦେଇ ଗଣଦେବତାଙ୍କର ଏହି ଧାରଣ ପାଳନୀ ଶକ୍ତି ଆମ ଚରିତ୍ରରେ ସଂଚାରିତ ହେଲେ ଗଣେଶଙ୍କର ପୂଜା ସାର୍ଥକ ହୁଏ। ଚିନ୍ତା ଜଗତରେ ଏକ ବୈପ୍ଲବିକ ପରିବର୍ତ୍ତନ ସୃଷ୍ଟି କଲେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ଶବ୍ଦର ବ୍ୟବହାରଗତ ଅର୍ଥକୁ ନ ଦେଖି ତା'ର ଧାତୁଗତ ଅର୍ଥ ଦେଖିବା ପାଇଁ ସେ ଆଦେଶ କଲେ। ପୂଜା କହିବାକୁଗଲେ କେବଳ ଧୂପ, ଦୀପ, ଝୁଣା, ଚନ୍ଦନ ଓ ପୁଷ୍ପ ସହଯୋଗେ ଏକ ଅନୁଷ୍ଠାନ ନୁହେଁ। ପୂଜାଶବ୍ଦସ୍ଥିତ ପୂଜ୍ ଧାତୁର ଅର୍ଥ ହେଉଛି ସମ୍ବର୍ଦ୍ଧନା। ଏଥିପାଇଁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଯେଉଁ ଦେବତା ବା ଦେବୀଙ୍କର ପୂଜା ଆମ୍ଭେମାନେ କରୁ ତାଙ୍କର ଗୁଣାବଳୀ ନିଜ ଜୀବନ ଓ ଚରିତ୍ରରେ ମୂର୍ତ୍ତ କରିବା ହିଁ ହେଉଛି ପ୍ରକୃତ ପୂଜା। ଏହି ଚାରିତ୍ରିକ ରୂପାନ୍ତରିତ ନକରି ଯେତେ ନୈବେଦ୍ୟ ବା ଆଲୋକର ସଜ୍ଜା କଲେ ମଧ୍ୟ ପୂଜା ସାର୍ଥକ ହୁଏନାହିଁ। ଗଣେଶଙ୍କ ପୂଜାମାନେ ହେଲା – ଗଣପତିଙ୍କ ଚଳନ ଚରିତ୍ର ଓ ତାଙ୍କର ଧାରଣ, ପାଳନ, ସମ୍ବେଗ ସିଦ୍ଧ ବ୍ୟକ୍ତିତ୍ୱକୁ ନିତ୍ୟ ଅନୁଶୀଳନ ମାଧ୍ୟମରେ ନିଜ ଜୀବନରେ ପ୍ରତିଫଳିତ କରି ଉଠାଇବା। ଏହି ଅନୁଶୀଳନ ନିମିତ୍ତ ପ୍ରତିଦିନ ଓ ପ୍ରତିମୁହୂର୍ତ୍ତରେ ପ୍ରୟୋଜନ ଏକାନୁରକ୍ତି, ତୀବ୍ରତା ଓ କ୍ରମାଗତି। ଶ୍ରୀ ଶ୍ରୀ ଠାକୁରଙ୍କ ପାଖରେ ଭକ୍ତବୃନ୍ଦ ପ୍ରଶ୍ନ କଲେ – ଗଣେଶଙ୍କର ଗଜମୁଣ୍ଡ କାହିଁକି ? କଥିତ ଅଛି ଶନିଗ୍ରହର ଦୃଷ୍ଟିରେ ଶିଶୁ ଅବସ୍ଥାରେ ଗଣେଶଙ୍କର ମସ୍ତିଷ୍କ ବିଚ୍ଛିନ୍ନ ହେବାରୁ ଶୀଘ୍ର ଏକ ହସ୍ତୀର ମୁଣ୍ଡ ସେଠାରେ ପ୍ରତିରୋପଣ କରାଗଲା। ଏହାଶୁଣି ଶ୍ରୀ ଶ୍ରୀ ଠାକୁର କହିଲେ – ଏକ ମଣିଷର ବିଶେଷତଃ ଏକ ଶିଶୁର ବେକରେ ହାତୀର ମୁଣ୍ଡ ପ୍ରତିରୋପଣ କରିବା ଅସମ୍ଭବ ଓ ଅବାନ୍ତର। କିନ୍ତୁ ଗଣଦେବତାଙ୍କର ବନ୍ଦନାରେ ଗଜାନନ ଓ ଗଜେନ୍ଦ୍ରବଦନ ଇତ୍ୟାଦି ଶବ୍ଦର ଉଲ୍ଲେଖ ରହିଛି। ତେଣୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଗଜ ଶବ୍ଦର ଅର୍ଥ ଶ୍ରେଷ୍ଠ। ଶ୍ରେଷ୍ଠ ଓ ସର୍ବୋତ୍ତମ ମସ୍ତିଷ୍କ ଯାହାଙ୍କର ସେ ହିଁ ଗଜାନନ। ଯିଏ ସମସ୍ତଙ୍କର ପାଳକ, ଧାରକ ଓ ପରିଚାଳକ ତାଙ୍କର ମସ୍ତିଷ୍କ ନିଶ୍ଚୟ ଶ୍ରେଷ୍ଠ ଓ ବଡ଼।

ଓଡ଼ିଶାର ଶରତ ଋତୁରେ ଶ୍ରୀ ଗଣେଶ ପୂଜା ହେଉଛି ଅନ୍ୟତମ ପାର୍ବଣ । ଭାଦ୍ରବ ମାସ ପବିତ୍ର ଶୁକ୍ଳ ଚତୁର୍ଥୀଦିନ ଏହି ପୂଜା କରାଯାଇଥାଏ । ସେ ଦିନ ଛାତ୍ରଛାତ୍ରୀଙ୍କ ଠାରୁ ଅନେକ ଗଣେଶଙ୍କ ଶ୍ରଦ୍ଧାଳୁ ଉପବାସ କରିବା ସହ ବିଦ୍ୟା, ଧନ ଓ ଶୁଭକାମନା କରି ଶୁଦ୍ଧପୂତ ମନରେ ଗଣପତିଙ୍କ ପୂଜା କରନ୍ତି । ଆମ ଦେଶରେ ସମସ୍ତ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ । 'ଶ୍ରୀ ଗଣଶାୟ ନମଃ' ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ । ଗଣାନାଂ ପତିଃ ଗଣପତିଃ, ତେଣୁ ମନ୍ତ୍ରରୁ ହିଁ ଜଣାଯାଏ ଯେ, ଗଣେଶ ସର୍ବସାଧାରଣଙ୍କ ଦେବତା । ଗଣପତି ସମୁହବାଚକ ହୋଇଥିବାରୁ ସମଗ୍ର ମାନବ ଜାତିର ସର୍ବସିଦ୍ଧିଦାତା ଭାବେ ସେ ପୂଜ୍ୟ । ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା । ତାଙ୍କର ଅନ୍ୟ ନାମ ବିଶ୍ଳେଷଣ । ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ । ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି । ତେଣୁ ତାଙ୍କର ଉଦ୍ଦେଶ୍ୟରେ କୁହାଯାଏ । ''ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦ ପ୍ରଭୋ, ମମ ବିଘ୍ନ ବିନାଶୟ, ଗଣାଧିପତୟେ ନମଃ''।

ଗଣେଶଙ୍କ ମୂର୍ତ୍ତିରେ ଚାରିଟି ହାତ ରହିଛି। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଚାରି ହାତମାନେ ତାଙ୍କର ଚାରି ଦିଗରେ ଲକ୍ଷ୍ୟ ରହିଛି। ଚାରି ଦିଗରେ ସେ ସମାନ ଓ ତୀକ୍ଷ୍ଣ ନଜର ରଖି ସାମ୍ୟ ଭାବରେ ସବୁ ପରିସ୍ଥିତିକୁ ନିୟନ୍ତ୍ରଣ କରନ୍ତି। ଏହାକୁ ହିଁ କୁହନ୍ତି ଚତୁରତା। ଗଣେଶଙ୍କ ବାହନ ମୂଷା। ଏହା ଅର୍ଥରେ ଶ୍ରୀ ଶ୍ରୀ ଠାକୁର କହିଲେ – ମୂଷା ପରି ଖଳ ଓ କ୍ଷତିକାରକ ବ୍ୟକ୍ତିମାନଙ୍କୁ ଗଣପତି ତାଙ୍କ ପାଖରେ ରଖନ୍ତି, ସେମାନଙ୍କୁ ଏହି ଦୁଷ୍ଟବ୍ୟାଧିରୁ ମୁକ୍ତ କରି ଲୋକସେବାରେ ବ୍ରତୀ କରି ଉଠାନ୍ତି। ବର୍ତ୍ତମାନ ପ୍ରଶ୍ନ ଉଠେ – ଏହି ଗଣପତି ବା ଗଣେଶ କିଏ ? ବୈଶିଷ୍ଟ୍ୟପାଳୀ, ଆପୂରୟମାଣ, ଯୁଗାବତାର, ସଦ୍‌ଗୁରୁ ଯିଏକି ଜନକଲ୍ୟାଣ ନିମିତ୍ତ ଯୁଗେ ଯୁଗେ ଆର୍ବିଭାବ ହୁଅନ୍ତି ସେ ହିଁ ପରମପୁରୁଷ, ଗଣପାତା ଓ ଲୋକଉଦ୍ଧାତା। ଭଗବାନ ରାମ, କୃଷ୍ଣ, ବୁଦ୍ଧ, ଯୀଶୁ, ମହମ୍ମଦ, ଶ୍ରୀଚୈତନ୍ୟ, ରାମକୃଷ୍ଣ ଓ କଳିଯୁଗର ଶେଷନବୀ ଭଗବାନ ଅନୁକୂଳଚନ୍ଦ୍ର ହିଁ ହେଉଛନ୍ତି ଗଣପାତା, ଲୋକ ଉଦ୍ଧାତା, ସିଦ୍ଧି ବିନାୟକ ଓ ଗଣ-ଈଶ। ଏହି ଯୁଗ ଗୁରୁଙ୍କୁ ଅନୁସରଣ କରି ତାଙ୍କର ସ୍ୱଭାବକୁ ନିଜ ଚରିତ୍ରରେ ଚରିତ୍ରାୟିତ କଲେ ହିଁ ଗଣେଶ ପୂଜା ସିଦ୍ଧି ଓ ସାର୍ଥକ ହୁଏ। ଯଥାର୍ଥରେ ପରମ ପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥରେ ଉଲ୍ଲେଖ କଲେ – ଅର୍ଥ, ମାନ ଓ ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ। ସାବଧାନ ହୁଅ, ଠକିଯିବ। ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ।

ପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଗଣାନାଂ ତ୍ୱାଂ ଗଣପତି ହବାମହେ....


ଡ଼ଃ.ଅରୁନ୍ଧତୀ ଦେବୀ

ଗଣେଶଙ୍କ ବିଗ୍ରହର ଗଜମୁଖ ଭାରତର ଆଦିମ ବାଣୀ ଓଁକାରର ପ୍ରତୀକ, ତେଣୁ ଗଣେଶ ଓଁକାର ସ୍ୱରୂପ ପରଂବ୍ରହ୍ମ ଭାବେ ମଧ୍ୟ ପୂଜିତ । ଯଜୁର୍ବେଦରେ ଗଣେଶଙ୍କ ମନ୍ତ୍ର ନିମ୍ନ ଭାବେ ରହିଛି – ''ଗଣାନାଂ ତ୍ୱାଂ ଗଣପତି ହବାମହେ, ପ୍ରିୟାଣାଂ ତ୍ୱାଂ ପ୍ରିୟପତି ହବାମହେ, ନିଧିନାଂ ତ୍ୱାଂ ନିଧିପତିଂ ହବାମହେ, ବସୋର୍ମମ ।'' ଓଡ଼ିଆ ଜନଜୀବନ ତଥା ଶିକ୍ଷାୟତନରେ ଗଣେଶ ପୂଜା ବା ଗଣନାଥଙ୍କ ପୂଜା ଏକ ମହତ୍ପୂର୍ଣ୍ଣ ଉତ୍ସବ । ମହାପ୍ରଭୁ ଶ୍ରୀ ଗଣେଶ କେବଳ ବିଦ୍ୟାଦାତା ନୁହଁନ୍ତି ସେ ଧର୍ମଦାତା ଓ ସିଦ୍ଧିଦାତା ଭାବେ ଅଗ୍ରପୂଜ୍ୟର ଆସନ ଗ୍ରହଣ କରିଛନ୍ତି । କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ଶ୍ରୀଗଣେଶଙ୍କ ପୂଜା ମହାଆଡ଼ମ୍ବର ସହକାରେ ପୂଜା ହୋଇଥାଏ । ଓଡ଼ିଶାର ଶରତ ଋତୁରେ ଶ୍ରୀ ଗଣେଶ ପୂଜା ହେଉଛି ଅନ୍ୟତମ ପାର୍ବଣ । ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା । ତାଙ୍କର ଅନ୍ୟ ନାମ ବିଶ୍ଳେଷଣ । ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ । ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି । ତେଣୁ ତାଙ୍କର ଉଦ୍ଦେଶ୍ୟରେ କୁହାଯାଏ । ''ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦ ପ୍ରଭୋ, ମମ ବିଘ୍ନ ବିନାଶୟ, ଗଣାଧିପତୟେ ନମଃ'' । ଓଡ଼ିଶାରେ ଗଣେଶ ପୂଜା ଏକ ବିଶେଷ ମହତ୍ୱ ରଖିଛି । ଓଡ଼ିଶାର ପ୍ରାୟ ସବୁ ତୀର୍ଥସ୍ଥଳ ଦେବାଦେବୀଙ୍କ ପୀଠ, ଦେବାଳୟ ଓ ମନ୍ଦିର ମାନଙ୍କରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ମୂର୍ତ୍ତି ବିରାଜମାନ ହୋଇଥାଏ । ମହାପ୍ରଭୁ ଜଗନ୍ନାଥଙ୍କ କ୍ଷେତ୍ର ଶ୍ରୀମନ୍ଦିରରେ ବିରାଟ ଗଣେଶ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି । ଇତିହାସରୁ ତଥ୍ୟରୁ ଜଣାଯାଏ ଯେ ଗଜପତି ପୁରୁଷୋ ମଦେବ କାଞ୍ଚି ବିଜୟ କରି କାଞ୍ଚିରାଜାଙ୍କ ଇଷ୍ଟ ଦେବତା ଏହି ଗଣପତି ମୂର୍ତ୍ତି ଆଣି ବିଧି ସହକାରେ ଶ୍ରୀମନ୍ଦିରରେ ଅଧିଷ୍ଠିତ କରାଇଛନ୍ତି । ସେହିପରି ମନ୍ଦିର ମାଳିନୀ ସହର ଭାବେ ପରିଚିତ ଭୁବନେଶ୍ୱରରେ ମଧ୍ୟ ବହୁ ଗଣେଶ ବିଗ୍ରହ ରହିଛି । ଏହି ବ୍ରତରେ ସାଧାରଣ ପୂଜା ପୂଜିର ଦ୍ରବ୍ୟ ବ୍ୟତୀତ ମାଳତୀ, ଭୃଙ୍ଗରାଜ, ବିଲ୍ୱ, ଶ୍ୱେତଦୁର୍ବା, ବଦରୀ, ଧୁତୁରା, ତୁଳସୀ, ଶମୀ, ବୃହତୀ, କରବୀର, ନିଆଳି, ଅର୍ଜ୍ଜୁନ, ବିଷ୍ଣୁତ୍ରୟ, ଦାଡ଼ିମ୍ବ, ଦେବଦାରୁ, ମରୁପତ୍ର, ଅଶ୍ୱତ୍ଥ, ଯାଇ, କେତକୀ, ଅଗସ୍ତିପତ୍ର, ଆମ୍ର, ଖୁର୍ଜର, କଦଳୀ, ନରିକେଳ, ମୋଦକ ୨୧ଗୋଟି, ଦୁର୍ବା ୨୧ କେରା, ରକ୍ତ ବସ୍ତ୍ର ଓ ଯଜ୍ଞୋପବୀତ ବ୍ୟବହାର କରାଯାଏ । ଓଡ଼ିଶାର ସମସ୍ତ ଶିକ୍ଷାୟତନରେ ବିଦ୍ୟାଦାତା ମହାପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ହୋଇଥାଏ । କେହି କେହି ନିଜ ପୂଜାଘରେ ମଧ୍ୟ ଶ୍ରୀଗଣେଶଙ୍କ ପୂଜା କରିଥାନ୍ତି । ଏହି ଦିନରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଶ୍ରୀ ଗଣେଶଙ୍କ ପୂଜା ଆଉ କେହି ଖାତା ପୂଜା କରି ବ୍ୟବସାୟର ଉନ୍ନତି ପାଇଁ ମହାପ୍ରଭୁ ଗଣନାଥଙ୍କ ଆଶୀର୍ବାଦ ନେଇଥାନ୍ତି । ପରେ ସେ ଯୁଦ୍ଧରେ ବିଜୟୀ ହେଲେ ଓ ଗଣନାଥଙ୍କ ମସ୍ତକ ଛେଦନ କରିଥିଲେ । କିନ୍ତୁ ଶିବ ପାର୍ବତୀଙ୍କ ପାଖରେ ପହଞ୍ଚିବା ପରେ ସମସ୍ତ ସମ୍ପର୍କ ବିଷୟରେ ଜାଣି ଗଣନାଥଙ୍କ ଛିଣ୍ଡି ଯାଇଥିବା ମସ୍ତିଷ୍କର ଖୋଜା ଚାଲିଲା । ପରିଶେଷରେ ତାହା ନମିଳିବାରୁ ଏକ ହସ୍ତୀର ମସ୍ତକ ଛେଦନ କରାଯାଇ ଗଣନାଥଙ୍କ ଶରୀରରେ ଲାଗିଥିଲା ଓ ସଞ୍ଜିବନୀ ମନ୍ତ୍ରରେ ସେ ଜୀବନ୍ୟାସ ପାଇଥିଲେ । ଶିବଙ୍କ ବର ତାଙ୍କୁ ମିଳିଥିଲା ଯେ, ପ୍ରତ୍ୟେକ ଦେବାଦେବୀଙ୍କ ପୂଜା ପୂର୍ବରୁ ତାଙ୍କ ଆରଧନା କରାଯିବ । ଶ୍ରୀ ଗଣେଶଙ୍କ ସ୍ତୁତିଟି ହେଉଛି – ''ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟିସମପ୍ରଭଃ । ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯେଷୁ ସର୍ବଦା ।'' ଓଡ଼ିଶାର ପୁରପଲ୍ଲୀରେ ତେଲି ସମ୍ପ୍ରଦାୟରେ ପ୍ରାୟତଃ ଶ୍ରୀ ଗଣେଶଙ୍କ ପୂଜା ସାତ ଦିନ ବା ନଅ ଦିନ ବ୍ୟାପୀ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଗଣନାଥଙ୍କ ପୂଜା ଓଡ଼ିଆର ଜନଜୀବନରେ ଏକ ମହତ୍ପୂର୍ଣ୍ଣ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ
ଆନ୍ଦୋଳନ, କଟକ, ଦୂରଭାଷ :
୯୯୩୭୧୭୨୮୧୦

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ




## ପାରାଦୀପ ବ୍ରହ୍ମା କୁମାରୀ ଶାଖା ପକ୍ଷରୁ ଦାଦି ପ୍ରକାଶମଣିଙ୍କ ସ୍ମୃତି ଦିବସକୁ ବିଶ୍ୱ ବାନ୍ଧବତ୍ୱ ଦିବସ ଭାବେ ପାଳିତ

ପାରାଦୀପ,(ପି.ଏନ): ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପାରାଦୀପ ଶାଖା ଆନୁକୂଲ୍ୟରେ ମଧୁବନ ସ୍ଥିତ ସେବାକେନ୍ଦ୍ରରେ ପୂର୍ବତନ ମୁଖ୍ୟ ପ୍ରଶାସିକା ସ୍ୱର୍ଗତ ରାଜ ଯୋଗିନୀ ଡ. ପ୍ରକାଶମଣି ଙ୍କର୍ ୧୮ତମ ସ୍ମୃତି ଦିବସ ସୋମବାର ଦିନ ପାଳିତ ହୋଇଯାଇଛି କ୍ଷ ଏହି ଦିନ ପ୍ରତ୍ୟେକ ସେବା କେନ୍ଦ୍ର ମାନଙ୍କରେ ଦାଦି ଙ୍କର ଅମୃତ ବଚ୍ନ ଶୁଣିବା ସଙ୍ଗେ ସଙ୍ଗେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥାନ୍ତି । ପାରାଦୀପ ସେବା କେନ୍ଦ୍ର ର ମୁଖ୍ୟ ସଂଚ୍ଚାଳିକା ବି.କେ.ସୁମନ କହିଛନ୍ତି ଯେ ସାରା ବିଶ୍ୱରେ ପ୍ରତିବର୍ଷ ଅଗଷ୍ଟ ୨୫ ତାରିଖରେ ଦାଦିଙ୍କ ସ୍ମୃତି ଦିବସ କୁ ବିଶ୍ୱ ବନ୍ଧୁତ୍ୱ ଦିବସ ରୂପେ ପାଳନ କରାଯାଏ । ଦାଦି ପ୍ରକାଶମଣି ବ୍ରହ୍ମା



କୁମାରୀମାନଙ୍କର ଆଧ୍ୟାତ୍ମିକ ନେତ୍ରୀ ଥିଲେ, ଯାହା ଏକ ବିଶ୍ୱବ୍ୟାପୀ ଆଧ୍ୟାତ୍ମିକ ସଂଗଠନ, ଯାହାର ପ୍ରତିଷ୍ଠାତା ବ୍ରହ୍ମା ବାବାଙ୍କ ପରେ ପ୍ରଥମ ପ୍ରଶାସନିକ ମୁଖ୍ୟ ଭାବରେ କାର୍ଯ୍ୟ କରୁଥିଲେ। ସେ ତାଙ୍କର ଜ୍ଞାନ, ଭକ୍ତି ଏବଂ ନେତୃତ୍ୱ ପାଇଁ ଜଣାଶୁଣା ଥିଲେ କ୍ଷ ଭାରତରେ ଏହାର ପ୍ରାରମ୍ଭିକ ଦିନରୁ ଅନ୍ତର୍ଜାତୀୟ ମଞ୍ଚ ପର୍ଯ୍ୟନ୍ତ ଆନ୍ଦୋଳନର ଅଭିବୃଦ୍ଧି ତଦାରଖ କରୁଥିଲେ। ଦାଦି ପ୍ରକାଶମଣି ରାଜଯୋଗ ଧ୍ୟାନ ଏବଂ ଆଧ୍ୟାତ୍ମିକ ମୂଲ୍ୟବୋଧର ପ୍ରସାରରେ ଏକ କେନ୍ଦ୍ରୀୟ ବ୍ୟକ୍ତିତ୍ୱ ଥିଲେ, ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସଂଗଠନର ବିଶ୍ୱବ୍ୟାପୀ ଉପସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ।

## ୫ଦଫା ଦାବିରେ ଗାଁସାଥୀ ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କେନ୍ଦ୍ରାପଡ଼ା,(ପି.ଏନ):୫ଦଫା ଦାବିରେ ଗାଁସାଥୀ(ମେଟ୍)ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି, କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ସେମାନଙ୍କ ଦାବି ଗୁଡିକ ମଧ୍ୟରେ ରାଜ୍ୟ ସରକାରଙ୍କ ପ ।ୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ପତ୍ର ସଂଖ୍ୟା-୨୦୮୭୭,ତା ୩୧. ୦୭. ୨୦୨୫ରିଖର ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇ ଜିଲ୍ଲାର ୯ଟି ବ୍ଲକକୁ ଏସମ୍ପର୍କରେ ଅବଗତ କରାଯିବା, ୨୦୦୮ମସିହାରୁ କାର୍ଯ୍ୟରତ ସମସ୍ତ ଗାଁସାଥୀଙ୍କ ଡାଟାବେସ ନିର୍ଭୁଲ ଭାବରେ ପ୍ରସ୍ତୁତ କରାଯାଇ ତୁରନ୍ତ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବା,ଜିଓ ଟାଗିଂରେ ଗାଁସାଥୀ(ମେଟ୍) ମାନଙ୍କୁ ସାମିଲ କ ର । ଯ ି ବ । , ଏନ.ଏମ.ଏମ.ଏସ.ଆପ୍‌କୁ ନୂତନ ଡାଟାବେସ ଅନୁସାରେ ସଠିକ ଗାଁସାଥୀ(ମେଟ୍) ମାନଙ୍କୁ ପ୍ରଦାନ କରାଯିବା, ଗାଁସାଥୀମାନଙ୍କୁ ବ୍ଲକ ସ୍ତରରେ ତାଲିମ ପ୍ରଦାନ କରାଯିବା, ସମସ୍ତ ଲାଇନ୍ ଡିପାର୍ଟମେ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ ଜି ଏନ ଆର ଜି ଏସ) ପ୍ରକଳ୍ପ କାର୍ଯ୍ୟରେ ଗାଁସାଥୀମାନଙ୍କୁ ନିୟୋଜିତ



କରାଯିବା, ସେମାନଙ୍କ ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ କରାଯିବା ପ୍ରଭୃତି ଦାବି ଗୁଡିକ ରହିଛି। ଏସମ୍ପର୍କରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କୁ ଚଳିତମାସ ୧୬ତାରିଖରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧାରଣା ଦିଆଯାଇଥିଲା। ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା କରାଯାଇ ପ୍ରଶାସନର ଏଭଳି ଖାମଖିଆଲି ମନୋଭାବକୁ ନିନ୍ଦା କରାଯାଇଥିଲା। ପରେ ଗାଁସାଥୀ(ମେଟ୍)ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି ଅନିଲ କୁମାର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ସେମାନଙ୍କ ଦାବି ଗୁଡିକ ପୂରଣ କରାଯିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଏହି ଧାରଣା କାର୍ଯ୍ୟକ୍ରମରେ ଗାଁସାଥୀ(ମେଟ୍)ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲ୍ଲା ଶାଖା ସଭାପତି ଶ୍ରୀ ଜେନାଙ୍କ ସମେତ ସମ୍ପାଦକ ବିଜୟ କୁମାର ବେହେରା, ପ୍ରମୋଦ କୁମାର ନାୟକ, ହରେକୃଷ୍ଣ ମହାପାତ୍ର, ପ୍ରଶାନ୍ତ କୁମାର ଦାସ, ଉପେନ୍ଦ୍ର କୁମାର ସାହୁ, ନଳିନୀକାନ୍ତ ଖୁ ିଆ, ପରମେଶ୍ୱର ବେହେରା, ସୁରେଶ ସାମଲ, ପ୍ରତାପ ପଢିଆରି, ପ୍ରତାପ କୁମାର ପରିଡା, ଜ୍ୟୋସ୍ନାରାଣୀ ବେହେରା, ଅନୁକମ୍ପା ସାହୁ, ଜିତେନ୍ଦ୍ର କୁମାର ପୃଷ୍ଟି, ପ୍ରମୋଦ କୁମାର ରାଉତ ପ୍ରମୁଖ ଶତାଧିକ କର୍ମକ ି। ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

## ସ୍ପନ୍ଦନ ଫାଉଣ୍ଡେସନ୍ ଟ୍ରଷ୍ଟକୁ "ରାଇଜିଙ୍ଗ ଇନ୍‌ଫ୍ଲୁଏନ୍ସର" ସମ୍ମାନ

ବ୍ରହ୍ମପୁର,(ପି.ଏନ): ସ୍ପନ୍ଦନ ଫାଉଣ୍ଡେସନ୍ ଟ୍ରଷ୍ଟ କୁ ଇନଫ୍ଲୁଏନ୍ସର ବୁକ ଅଫ ୱାର୍ଲ୍ଡ ରେକର୍ଡସ୍ ପକ୍ଷରୁ "ରାଇଜୀଙ୍ଗ ଇନଫ୍ଲୁଏନ୍ସର – ସିନସିୟର୍ ଏଣ୍ଡ ଟ୍ରଷ୍ଟ ୱର୍ଥି ସର୍ଭିସ୍ ଟୁ ହ୍ୟୁମାନିଟି" ପୁରସ୍କାରରେ ସମ୍ମାନିତ କରାଯାଇଛି ।ରାଜସ୍ଥାନର ଜୟପୁର ସହରରେ ଆୟୋଜିତ ଏହି ସମାରୋହରେ ଦେଶର ବିଭିନ୍ନ ସମାଜସେବୀ, ବିଶ୍ୱରେକର୍ଡ୍ ହୋଲ୍ଡର୍, ପରିବର୍ତ୍ତନକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ସ୍ପନ୍ଦନ ଫାଉଣ୍ଡେସନ୍ ପକ୍ଷରୁ ଏହି ସମ୍ମାନକୁ ଗ୍ରହଣ କରିଥିଲେ ସସ୍ମିତା ସାହୁ ।ସ୍ପନ୍ଦନର ଯାତ୍ରା ୨୦୨୩ରେ ୨୦୦ ଜଣ ସହାନୁଭୂତିଶୀଳ ସଦସ୍ୟଙ୍କ ସଙ୍କଳ୍ପ ସହିତ ଆରମ୍ଭ ହୋଇଥିବା ସ୍ପନ୍ଦନ ଫାଉଣ୍ଡେସନ୍ ଆଜି ଶିକ୍ଷା, ସ୍ୱାସ୍ଥ୍ୟସେବା, ପୋଷଣ, ନାରୀ ସଶକ୍ତିକରଣ, ବୃଦ୍ଧସେବା, ପରିବେଶ ସୁରକ୍ଷା, ପରିଷ୍କାରତା ଅଭିଯାନ ଓ ବଞ୍ଚିତମାନଙ୍କ ପାଇଁ ମାନବିକ ସହାୟତା କ୍ଷେତ୍ରରେ ସମର୍ପିତ ଭାବରେ କାମ କରୁଛି



ବୋଲି ସମ୍ମାନ ପ୍ରାପ୍ତିରେ ଅନୁଭବ ପୁରସ୍କାର ଗ୍ରହଣ ପରେ ସସ୍ମିତା ସାହୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ "ଏହି ସମ୍ମାନ କେବଳ ଗୌରବ ନୁହେଁ, ଏହା ଆମ ପାଇଁ ଏକ ଦାୟିତ୍ୱ। ଏହା ଆମକୁ ଆଗାମୀ ଦିନରେ ଆହୁରି ଅଧିକ ଶ୍ରଦ୍ଧା ଓ ସମର୍ପଣ ସହିତ ମାନବତା ସେବାରେ ପ୍ରେରିତ କରିବ। ସ୍ପନ୍ଦନ ସମାଜରେ ଆଶା ଓ ସକାରାତ୍ମକ ପରିବର୍ତ୍ତନ ବିସ୍ତାର କରିବାରେ ସଦା ସଙ୍କଳ୍ପବଦ୍ଧ।" ନେତୃତ୍ୱ ଓ ସଦସ୍ୟତା ସଂସ୍ଥାର ସ୍ଥାପକ ଓ ଅଧ୍ୟକ୍ଷ ଦିଲ୍ଲିପ କୁମାର ମହାପାତ୍ର ଓ ବୋର୍ଡ୍ ସଦସ୍ୟମାନଙ୍କ ମଧ୍ୟରେ ସୀମା ଚୌଧୁରୀ, ବାଳକୃଷ୍ଣ ସମନ୍ତରାୟ, ମନୋରଞ୍ଜନ ପଣ୍ଡା, ଭୀକାରୀ ନାୟକ, ଏଲ୍. ରାଜା, ଅନ୍ତର୍ଯ୍ୟାମୀ ପାତ୍ର, ପ୍ରଶାନ୍ତ ସାହୁ, ପୁଷ୍ପାଞ୍ଜଳି ମହାପାତ୍ର, ସୌରଭ ରଥ, ମନୋଜ କୁମାର ସାହୁ ସହିତ ଅନ୍ୟମାନେ ସକ୍ରିୟ ରହିଥିବା ଏଠାରେ କୁହାଯାଇଥିଲା ।ଓଡିଶା ପାଇଁ ଗର୍ବ ମିଳିଥିବା ଏହି ଆନ୍ତର୍ଜାତୀୟ ସମ୍ମାନ ସ୍ପନ୍ଦନ ଫାଉଣ୍ଡେସନ୍ ଟ୍ରଷ୍ଟ ପାଇଁ ଏକ ମାଇଲ ଷ୍ଟୋନ୍ ହୋଇଥିବା ସହିତ ସମଗ୍ର ଓଡିଶା ପାଇଁ ଗର୍ବର କାରଣ ହୋଇଛି ବୋଲି ସ୍ପନ୍ଦନ ପକ୍ଷରୁ କୁହାଯାଇଥିଲା ।

## ଜାତି ପ୍ରମାଣପତ୍ର କେଳେଙ୍କାରୀ: ଇସ୍ତଫା ଦିଅନ୍ତୁ, ନଚେତ ମୁଖ୍ୟମନ୍ତ୍ରୀ ବରଖାସ୍ତ କରନ୍ତୁ

ଭୁବନେଶ୍ୱର,(ପି.ଏନ): ଆଜି ଭୁବନେଶ୍ୱର ସ୍ଥିତ ପ୍ରଦେଶ କଂଗ୍ରେସ ଭବନ ଠାରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଜାତିଗତ ତଥ୍ୟ ଜାଲିଆତିକୁ ନେଇ ପିସିସି ମିଡ଼ିଆ ବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳ ପକ୍ଷରୁ ମନ୍ତ୍ରୀଙ୍କ ଜାଲିଆତି ଉଜାଗର କରାଯାଇଛି। ବରିଷ୍ଠ ନେତା ଶିବାନନ୍ଦ ରାୟ, ପିସିସି ମୁଖପାତ୍ର ଅଭିଷେକ୍ ମହାନନ୍ଦ, ମୁଖପାତ୍ର ନିଶିକାନ୍ତ ମିଶ୍ର ଏବଂ ବିଭୁତି ମହାପାତ୍ର ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଜାଲିଆତିର ବିଭିନ୍ନ ତଥ୍ୟପ୍ରମାଣ ଉପସ୍ଥାପନ କରିଥିଲେ। ମୁଖପାତ୍ର ଅଭିଷେକ୍ ମହାନନ୍ଦ କହିଥିଲେ, ମନ୍ତ୍ରୀ ମୁକେଶ ମହାଲିଙ୍ଗ ପୂର୍ବରୁ ଜାଲ ଜାତି ପ୍ରମାଣପତ୍ର ଦେଇ ପାଠ ପଢିବା ସହ ସରକାରୀ ଚ୍ାକିରି କରିବା ଆଦି ଅନ୍ୟାନ୍ୟ ସରକାରୀ ସୁବିଧା ହାସଲ କରିଥିଲେ। ମନ୍ତ୍ରୀଙ୍କ ଏହି ଜାଲିଆତିକୁ ନେଇ ଅନେକ ଦିନ ତଳୁ ପାଟଣାଗଡ଼ର ଡିଙ୍ଗର କୁମ୍ଭାର ନାମକ ଜଣେ ଆଇନଜୀବି ତଥା ସମାଜସେବୀ କୋର୍ଟଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀଙ୍କ ଏହି କାରସାଦି ଧରା ପଡିବା ପରେ ସାରା ରାଜ୍ୟରେ ଆନ୍ଦୋଳନ କରାଯାଇଥିଲା ଓ ନିଜେ କଂଗ୍ରେସ ନେତା ଅଭିଷେକ ମହାନନ୍ଦ କିଛି ଦିନ ତଳେ ପ୍ରେସ କନଫରେନସ କରି ମନ୍ତ୍ରୀଙ୍କ ଜାଲିଆତିର ପର୍ଦ୍ଦାଫାଶ କରିଥିଲେ ବୋଲି ନିଜେ ଅଭିଷେକ କହିଛନ୍ତି। ଶ୍ରୀ ମହାନନ୍ଦ କହିଛନ୍ତି, ବାରମ୍ବାର ଅଭିଯୋଗ ହେଲେ ସୁଦ୍ଧା ଭାଜପା ସରକାର ,ମନ୍ତ୍ରୀଙ୍କ ଜାଲିଆତି ଉପରେ କାର୍ଯ୍ୟାନୁଷ୍ଠାନ ନ ନେବାରୁ ପୁର୍ନବାର ସମାଜସେବୀ ଡିଙ୍ଗର କୁମ୍ଭାର ପଦମପୁର ଥାନାରେ ମନ୍ତ୍ରୀଙ୍କ ବିରୁଦ୍ଧରେ



ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଥାନା ଆଇଆଇସି କେଶ୍ ଟିକୁ ରୁଜୁ କରିନଥିଲେ। ପରେ ଏନେଇ ଏକ ମାମଲା ହାଇକୋର୍ଟରେ ଅଭିଯୋଗ କାରି ଆବେଦନ କରିବା ପରେ ହାଇକୋର୍ଟ ପଦମପୁର ଏସଡିଜେଏମ୍ କୋର୍ଟକୁ ମାମଲାର ବିଚ୍ାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପଦମପୁର ଏସଡିଜେଏମ୍ କୋର୍ଟ ମନ୍ତ୍ରୀଙ୍କ ବିରୁଦ୍ଧରେ ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ପାଇଲା ପରେ ମଧ୍ୟ ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ୍। ମନ୍ତ୍ରୀଙ୍କ ଜାଲିଆତିର ଯଥେଷ୍ଟ ପ୍ରମାଣ ଥିଲେ ସୁଦ୍ଧା ପୋଲିସ କାହିଁକି ଏତଲା ରୁଜୁ କରୁନାହିଁ ? କୋର୍ଟ କହୁଛି ଏଫଆଇଆର ରୁଜୁ କର ଆଉ ଏପଟେ ପୋଲିସ ନୀରବ। ଏସଡିଜେଏମ୍ କୋର୍ଟଙ୍କ ଆଦେଶ କୁ କେଉଁ ସାହସରେ ପୋଲିସ ଅବମାନନା କରୁଛି ? କାହା ଚ୍ାପରେ ରହୁଛି ପୋଲିସ ? ଏଠି ମନ୍ତ୍ରୀ ମୁକେଶଙ୍କ ପ୍ରଭାବ କାମ କରୁଛି କି ? ଗୋଟିଏ ପଟେ କେନ୍ଦ୍ର ସରକାର ଦାଗୀ ନେତାଙ୍କ ପାଇଁ ଆଇନ ଆଣୁଛନ୍ତି । ଜାଲିଆତି ଧରାପଡିଲେ ଏପରିକି ପ୍ରଧାନମନ୍ତ୍ରୀ କି ମୁଖ୍ୟମନ୍ତ୍ରୀ ବି ଏଥିରୁ ବାଦ୍ ପଡିବେନି ବୋଲି କହୁଥିବା ବେଳେ ମନ୍ତ୍ରୀ ମୁକେଶଙ୍କ ବେଳେ ସରକାର ଚୁପ୍ କାହିଁକି ବୋଲି କଂଗ୍ରେସ ନେତା ଅଭିଶଷକ୍ କହିଛନ୍ତି । ପୁର୍ବରୁ ଭାଜପା ଭୋଟ ଚୋରି କରୁଥିବା ଅଭିଯୋଗ ହେଉଥିଲା ବେଳେ ଏବେ ଦଳ ଜାତି ଚୋରି ଭଳି ଚ୍ଂଚ୍କତାରେ ବ୍ୟସ୍ତ ବୋଲି ସେ କହିଛନ୍ତି । କୋର୍ଟଙ୍କ ଆଦେଶ ଅନୁଯାୟୀ ମନ୍ତ୍ରୀଙ୍କ ବିରୁଦ୍ଧରେ ତୁରନ୍ତ ଏଫଆଇଆର ରୁଜୁ କରିବା ସହିତ ନ୍ୟାୟାଳୟଙ୍କ ନିରୀକ୍ଷଣରେ ନିରପେକ୍ଷ ତଦନ୍ତ ହେବା ସହିତ ତଦନ୍ତକୁ ପ୍ରଭାବମୁକ୍ତ କରିବା ପାଇଁ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ଆଜି କଂଗ୍ରେସ ମୁଖପାତ୍ର ଦାବୀ କରିଛନ୍ତି । ବରିଷ୍ଠ ଆଇନଜୀବି ତଥା ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ ଏସଡିଜେଏମ କୋର୍ଟ ନିର୍ଦ୍ଦେଶ ଦେଲାପରେ ମଧ୍ୟ ଥାନା ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି । ଏହା ସିଧାସଳଖ କୋର୍ଟଙ୍କ ନିର୍ଦ୍ଦେଶ ଅବମାନନା ଅଟେ । ଗୋଟିଏ ପଟେ କେନ୍ଦ୍ର ବିଜେପି ସରକାର ଅପରାଧିକ ମାମଲାରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଆଦି ପଦବୀ ହରାଇବେ ବୋଲି ଲୋକସଭାରେ ବିଲ ଆଗତ କରିଥିବାବେଳେ ଅନ୍ୟ ପଟେ ଓଡ଼ିଶାରେ ତାଙ୍କ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନାମରେ ଜାତି ପ୍ରମାଣପତ୍ର ଜାଲିଆତି ମାମଲା ପ୍ରମାଣ ସହିତ ଜଣା ପଡିବା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ସେ ପ୍ରଶ୍ନ ପଚ୍ାରିଛନ୍ତି । ଆଇନଜୀବୀ ତଥା ଅନ୍ୟତମ ମୁଖପାତ୍ର ନିଶିକାନ୍ତ ମିଶ୍ର ଏହି ମାମଲାର ଆଇନଗତ ଦିଗ ତର୍ଜମା କରି କହିଛନ୍ତି ଯେ ସରକାର କେବଳ ନିରୀହ ଜନତାଙ୍କ ଉପରେ ଆଇନ କାନୁନ ଭୟ ଦେଖାଇ ମୁହଁ ବନ୍ଦ କରିବା ଜାଣିଛି କିନ୍ତୁ କ୍ଷମତାରେ ଥିବା ଲୋକଙ୍କ ଉପରେ ଆଇନ କାମ କରୁନି । ଏଭଳି ହେଲେ ସମାଜରେ ଅରାଜକତା ନିଶ୍ଚୟ ବ୍ୟାପିବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି । ତଦନ୍ତରେ ସ୍ୱଚ୍ଛତା ଆସିବା ପାଇଁ ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ନଚେତ୍ ମୁଖ୍ୟମନ୍ତ୍ରୀ ତାଙ୍କୁ ବହିଷ୍କାର କରନ୍ତୁ ବୋଲି ସେ ଦାବି କରିଛନ୍ତି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray